# Akashvani, Sambalpur

## SAMBALPURI NEWS EVENING BULLETIN

**11 April 2025- 7.02 pm- 7.12 pm.**

**********************************************

୧- ରାଏଜେ ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନାର୍ ଶୁଭାରମ୍ଭ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ।

୨- ରାଏଜେ ଖୋବ୍ ଜଲ୍‌ଦି ଶୁଭାରମ୍ଭ ହେବା ଆଉ ୨ ଟା ମେଡ଼ିକାଲ୍ କଲେଜ୍ - ସୂଚ୍‌ନା ଦେଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟ ସର୍‌କାରୀ କର୍ମଚାରୀ ମାନ୍‌କର୍ ଲାଗି ୨ ପ୍ରତିଶତ୍ ମହଙ୍ଗାଭତା ବଢ଼ାଲେ ସର୍‌କାର୍ ।

ଆଉର୍

୪- ଓଡ଼ିଆ ପକ୍ଷ ପାଲନ୍‌ର ୧୧ ନମ୍ବର୍ ଦିନେ ଆଏଜ୍ ରାଏଜେ ପାଲନ୍ ହେଲା 'ଯୁବ ଲେଖକ ସମ୍ମିଲନୀ' ।

ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଆର୍‌ଏନ୍‌ୟୁ ସମ୍ବଲପୁର

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଇନ୍‌ସ୍ୟୁରାନ୍ସ ଯୋଜ୍‌ନା ନୁହେଁ, ଇଟା ଗୁଟେ ଆସ୍ୟୁରାନ୍ସ ଯୋଜ୍‌ନା ଆଏ ବଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା କହିଛନ୍ । କଟକ ବାଲିଯାତ୍ରା ପଡ଼ିଆଠାନେ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜ୍‌ନା, ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାର୍ ଶୁଭାରମ୍ଭ କରିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍, ଦେଶର୍ ଗରିବ୍ ଲୁକ୍‌କୁ ଚିକିତ୍ସା କର୍‌ବାର୍ ଲାଗି ଯୋଜ୍‌ନାଥି କେନ୍‌ସି ଇନ୍‌ସ୍ୟୁରାନ୍ସ କମ୍ପାନୀ ନିଷ୍ପତି ନାଇଁ ନିଏ, ଦେଶର୍ ୩୦ ହଜାର୍‌ନୁ ଅଏତ୍‌କା ହସ୍ପିଟାଲ୍ ଇତାର୍ ନିଷ୍ପତି ନେବେ ।

(ଭଏସ୍ ଓଭର୍- ଜେ.ପି.ନଡ୍ଡା)

ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାର୍ ଶୁଭାରମ୍ଭ ସହେତେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କଟକ୍ ଶିଶୁଭବନ୍‌ର ନୂଆଁ କୋଠା ଉଦ୍‌ଘାଟନ୍ କରିଛନ୍ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି କହିଛନ୍, ରାଏଜେ ଖୋବ୍ ଜଲ୍‌ଦି ୫ ହଜାର୍ ୩ ଶହ ୭୪ ଡାକ୍ତର୍ ଦନ୍ତ ଚିକିତ୍ସକ ପଦ୍‌ବୀ ପୂରଣ୍ କରାଯିବା । ଗଲା ୧୦ ବଛର୍ ଭିତ୍‌ରେ ୩ ଟା ଖେପେ ୪ ହଜାର୍ ଡାକ୍ତର୍ ଆର୍ ସ୍ୱାସ୍ଥ୍ୟକର୍ମୀ ପଦ୍‌ବୀ ପୂରଣ୍ କରାଯାଇଛେ ।

ଇ ବଛର୍ ବଜେଟ୍‌ଥି ଆଉ ୪ ଟା ଜିଲ୍ଲା ନ ନୂଆଁ ମେଡ଼ିକାଲ୍ କଲେଜ୍ ଥାପ୍‌ନା ଲାଗି ବ୍ୟୟବରାଦ୍ ହେଇଛେ । ଆଉ କିଛି ଦିନ୍ ଭିତ୍‌ରେ ଆଉ ୨ ଟା ମେଡ଼ିକାଲ୍ କଲେଜ୍ ଉଦ୍‌ଘାଟନ୍ ହେବାର୍‌କେ ଯାଉଛେ । ରାଜ୍ୟବାସୀଙ୍କୁ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ଯୁଗାବାର୍ ଲାଗି ରାଜ୍ୟ ସର୍‌କାର୍ ସବୁ ପଦକ୍ଷେପ୍ ନେଉଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍, ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ସହେତେ ମନ୍ତ୍ରୀ ମଣ୍ଡଲ୍‌ର ସଦସ୍ୟ, ଦଲୀୟ ସାଂସଦ୍ ଆର୍ ବିଧାୟକ୍‌ମାନେ ଯୋଗ୍ ଦେଇଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ଯୋଜ୍‌ନାଥି ରାଜ୍ୟର୍ ୧ କୋଟି ୩ ଲାଖ୍ ପରିବାର୍‌ର ୩ କୋଟି ୫୦ ଲାଖ୍ ଲୋକ୍ ମାହାଲିଆ ଚିକିତ୍ସା ସୁବିଧା ପାଇପାର୍‌ବେ । ଫେ' ହିତାଧିକାରୀମାନ୍‌କୁ ଦୁହି ଯୋଜ୍‌ନାର୍ ଲାଗି ଗୁଟେ ଲେଖା ସ୍ୱାସ୍ଥ୍ୟକାର୍ଡ଼ ଦିଆଯିବା । ଆୟୁଷ୍ମାନ୍ ବୟୋବନ୍ଦନ୍ ଯୋଜ୍‌ନାଥି ୭୦ ବଛର୍‌ନୁ ଅଏତ୍‌କା ବୟସର୍ ୨୩ ଲାଖ୍ ୧୩ ହଜାର୍ ହିତାଧିକାରୀ ଅଲ୍‌ଗା କାର୍ଡ଼ ପାଏବେ । ଯୋଜ୍‌ନା ମାନ୍‌କେ ହିତାଧିକାରୀମାନେ ଦେଶର୍ ୨୯ ହଜାର୍‌ନୁ ଅଏତ୍‌କା ସର୍‌କାରୀ ଆର୍ ପଞ୍ଜିକୃତ

ବେସରକାରୀ ଡାକ୍ତର୍‌ଖାନାମାନ୍‌କେ ମାହାଲିଆ ଚିକିତ୍ସା ସୁବିଧା ପାଇପାର୍‌ବେ ।

ଆୟୁଷ୍ମାନ୍ ଭାରତ୍-୧

ସମ୍ବଲ୍‌ପୁର୍/ ବୌଦ୍ଧ/ ସୁବର୍ଣ୍ଣପୁର/ ନୂଆପଡ଼ା/ କଲାହାଣ୍ଡି

ରାଜ୍ୟର୍ ୧ ହଜାର୍ ୪ ଶହ ୫ ଟା ସ୍ୱାସ୍ଥ୍ୟକେନ୍ଦ୍ର ନ ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନାର୍ ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ ଦେଖାବାର୍ ସହେତେ ସ୍ୱାସ୍ଥ୍ୟକାର୍ଡ଼ ବଂଟାଯାଇଥିଲା ।

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ଠାନେ ଯୋଜ୍‌ନାର୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍ ହେଇଯାଇଛେ । ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ଅଶୋକ୍ ଦାସ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ସ୍ୱାସ୍ଥ୍ୟକାର୍ଡ଼ ବାଂଟିଥିଲେ । ଇ ଅବ୍‌ସରେ ଜିଲ୍ଲାପାଲ୍ ଯୋଜ୍‌ନାର୍ ୩ ଟା ସଚେ୍‌ତନତା ରଥର୍ ଶୁଭାରମ୍ଭ କରିଛନ୍ । ଜିଲ୍ଲାର୍ ଭିନ୍ ଭିନ୍ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ଭିଲ୍ ସମାନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ ହେଇଥିଲା ।

ବୌଦ୍ଧ ଜିଲ୍ଲା ଜହ୍ନାପଙ୍କ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟକାର୍ଡ଼ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍

କୁମାର୍ ପ୍ରଧାନ୍, ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ କାର୍ଡ୍ ବାଂଟିଛନ୍ । ପଲ୍‌ସାଗୋରା ସ୍ୱାସ୍ଥ୍ୟକେନ୍ଦ୍ର ନ ହେଇଥିବା କାର୍ଯ୍ୟକ୍ରମ୍‌ଥି କଂଟାମାଲ୍ ବିଧାୟକ୍ କହ୍ନେଇଚରଣ୍ ଡାଙ୍ଗ ଯୋଗ୍ ଦେଇକରି ସ୍ୱାସ୍ଥ୍ୟ କାର୍ଡ୍ ବାଂଟିଛନ୍ । ଜିଲ୍ଲାର୍ ୧୨ ଟା ଯାକ ସ୍ୱାସ୍ଥ୍ୟକେନ୍ଦ୍ର ନ କାର୍ଡ୍ ବଂଟାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ହରଡ୍‌ଖୋଲ୍ ସାହାଜପିଟା ସ୍ୱାସ୍ଥ୍ୟକେନ୍ଦ୍ର ନ ହେଇଥିବା ସ୍ୱାସ୍ଥ୍ୟକାର୍ଡ୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି ବଲାଙ୍ଗିର୍ ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ କାର୍ଡ୍ ବାଂଟିଛନ୍ । ଯୋଜ୍‌ନାଥି ଜିଲ୍ଲାର୍ ୫ ଲାଖ୍ ୩୯ ହଜାର୍ ୬ ଶହ ୯୦ ଝନ୍ ହିତାଧିକାରୀ ସାମିଲ୍ ହେଇଥିଲା ବେଲ୍‌କେ ସେଥିର୍‌ଭିତ୍‌ରୁ ଆଏଜ୍ ୨୧ ଟା ସ୍ୱାସ୍ଥ୍ୟକେନ୍ଦ୍ର ନ ୫ ଶହ ୨୫ ଝନ୍‌କୁ କାର୍ଡ୍ ବଂଟାଯାଇଛେ ବଲି ସ୍ୱାସ୍ଥ୍ୟକେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନୂଆପଡ଼ା ଜିଲ୍ଲାର୍ ୧୭ ଟା ଜାଗା ନ ଆଏଜ୍ ଆୟୁଷ୍ମାନ୍ ଯୋଜ୍‌ନାର୍ କାର୍ଡ୍ ବଂଟାଯାଇଛେ । ଖଡ଼ିଆଲ୍ ବ୍ଲକ୍ ଡୁକ୍‌ଲା ଠାନେ ଉପଜିଲ୍ଲାପାଲ୍ ଯୋଗେନ୍ଦ୍ର ମାଝୀ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ କାର୍ଡ୍ ବାଂଟିଛନ୍ । ଇ ଅବ୍‌ସରେ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ସହରାଂଚଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାନେ ହେଇଥିବା ଆୟୁଷ୍ମାନ୍ ଯୋଜ୍‌ନାର୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍

ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ସ୍ୱାସ୍ଥ୍ୟକାର୍ଡ଼ ବାଂଟିଥିଲେ । ଇତାର୍‌ଛଡ଼ା ଜିଲ୍ଲାର୍ ୪୫ ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ଭିଲ୍ ସ୍ୱାସ୍ଥ୍ୟ କାର୍ଡ଼ ବଂଟାଯାଇଥିଲା । ଯୋଜ୍‌ନାଥି ଜିଲ୍ଲାର୍ ୧୪ ଲାଖ୍ ନୁ ଅଏତ୍‌କା ହିତାଧିକାରୀ ଲାଭ୍ ପାଏବେ ବଲି ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମହଙ୍ଗାଭତା I&PR

ରାଜ୍ୟ ସର୍‌କାରୀ କର୍ମଚାରୀଙ୍କର୍ ମହଙ୍ଗା ଭତା ୨ ପ୍ରତିଶତ୍ ବଢ଼େଇଥିବାର୍ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଘୋଷ୍‌ନା କରିଛନ୍ । ଇତାର୍ ଜରିଏ ସର୍‌କାରୀ କର୍ମଚାରୀମାନ୍‌କର୍ ମହଙ୍ଗା ଭତା ୫୩ ନୁ ୫୫ ପ୍ରତିଶତ୍‌କେ ବଢ଼ିଛେ । ଇ ବଢ଼୍‌ତି ମହଙ୍ଗାଭତା ୨୦୨୫ ଜାନୁଆରୀ ୧ ତାରିଖ୍‌ନୁ ପିଛିଲା ଭାବେ ଲାଗୁ ହେବା । କର୍ମଚାରୀମାନେ ଏପ୍ରିଲ୍ ମାସର୍ ଦର୍‌ମାଥି ନଗଦ୍ ଆକାରେ ସବୁ ବକେୟା ପାଇପାର୍‌ବେ । ଇତାର୍‌ସହେତେ ପେନ୍‌ସନ୍‌ଭୋଗୀ ମାନ୍‌କର୍ ଟିଆଇ ଭିଲ୍ ୨ ପ୍ରତିଶତ୍ ବଢ଼ାଯାଇଛେ । ସେମାନେ ଭିଲ୍ ପିଛିଲା ହିସାବେ ଜାନୁଆରୀ ୧ ନୁ ଭତା ପାଇପାର୍‌ବେ । ଇଥି ରାଜ୍ୟର୍ ସାଢ଼େ ୮ ଲାଖ୍ କର୍ମଚାରୀ ଆର୍ ପେନ୍‌ସନ୍ ଭୋଗୀ ଲାଭ ପାଇପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଓଡ଼ିଆ ପକ୍ଷ-ଯୁବ ଲେଖକ ସମ୍ମିଳନୀ

ସମ୍ବଲପୁର/ବୌଦ୍ଧ/କଳାହାଣ୍ଡି/ଦେବ୍‌ଗଡ଼୍/ସୁବର୍ଣ୍ଣପୁର୍

ରାଜ୍ୟ ସର୍‌କାର୍ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫିଂ'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

ଓଡ଼ିଆ ପକ୍ଷ ପାଲନ୍‌ର ୧୧ ନମ୍ବର୍ ଦିନେ ଆଏଜ୍ 'ଯୁବ ଲେଖକ ସମ୍ମିଳନୀ' କାର୍ଯ୍ୟକ୍ରମ୍ ହେଉଛେ । ରାଜ୍ୟର୍ ସବୁ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀ, ଯୁଆନ୍ ଲେଖକ୍ ଆର୍ ପ୍ରତିଭାକେ ନେଇକରି ଯୁବ ସୃଜନ୍ ଉତ୍ସବ୍ ମାନ୍ ଆୟୋଜନ୍ କରାଯାଇଛେ ।

ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର୍ ପ୍ରେକ୍ଷାଳୟ ଠାନେ ଓଡ଼ିଆ ପ୍ରବନ୍ଧ, ଗଳ୍ପ ଆଉ କବିତା ଲିଖନ ପ୍ରତିଯୋଗିତା କରାଯାଇକରି କୃତି ପ୍ରତିଯୋଗୀମାନ୍‌କୁ ପୁରସ୍କୃତ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ଭିଲ୍ ଯୁବ ଲେଖକ୍ ସମ୍ମିଳନୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଆଉ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା

ଯୋଗ୍ ଦେଇକରି ଜିଲ୍ଲାର୍ ଭିନ୍ ଭିନ୍ ଇଲାକାର୍ ଯୁବଲେଖକ୍‌ମାନ୍‌କୁ ସମ୍ମାନିତ୍ କରିଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ସର୍‌କାରୀ ମହିଳା ମହାବିଦ୍ୟାଳୟ ଠାନେ ଓଡ଼ିଆ ପକ୍ଷ ପାଲନ୍ ଉଧେ ହେଇଥିବା ଯୁବ ଲେଖକ ସମ୍ମିଲନୀଥି ଜିଲ୍ଲାର୍ ଭିନ୍ ଭିନ୍ ଇଲାକାନୁ ଆସିଥିବା ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ଗଳ୍ପ, କବିତା ଆଉ ପ୍ରବନ୍ଧ ଲେଖା ପ୍ରତିଯୋଗିତା ହେଇଥିଲା । କାର୍ଯ୍ୟକ୍ରମ୍‌ଥି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର୍ ଭାରପ୍ରାପ୍ତ କୁଳପତି ଡକ୍ଟର୍ ନିବେଦିତା ନାଥ ଯୋଗ୍ ଦେଇକରି ଓଡ଼ିଆ ଭାଷା ଆଉ ଜାତିକେ ନେଇକରି ନିଜର୍ ଭିତ୍‌ରେ ଲୁକି ରହିଥିବା ଭଲ୍‌ପାଏବାର୍‌କେ ଜାଗ୍ରତ୍ କର୍‌ବାର୍ ଲାଗି ଇଟା ଗୁଟେ ବର୍‌କସ୍ ମାଧ୍ୟମ୍ ଆଏ ବଲି କହିଛନ୍ ।

ଦେବ୍‌ଗଡ଼୍ ମହାବିଦ୍ୟାଳୟ ଠାନେ ଭିଲ୍ ଇ ଅବ୍‌ସରେ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ପ୍ରବନ୍ଧ, କବିତା ଲିଖନ ପ୍ରତିଯୋଗିତା ହେଇଥିଲା । ଇଥି ଜିଲ୍ଲାପାଲ୍ କବୀନ୍ଦ୍ର ସାହୁ ଯୋଗ୍ ଦେଇକରି ଭାଷା ସାହିତ୍ୟ ଆଉ ସଂସ୍କୃତିକେ ନିଜର୍ ଚିରାଚରିତ ଜୀବନଶୈଳୀଥି ଉପଯୋଗ୍ କର୍‌ବାର୍‌କେ ପରାମର୍ଶ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ୍‌ଙ୍କର୍ ନେତୃତ୍ୱଥି ହେଇଥିବା ଯୁବ

ଲେଖକ୍ ସମ୍ମିଲନୀଥି  ଭିଲ୍ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା । ଇଥି ୫୦ ନୁ ଅଏତ୍କା ଯୁବ ପ୍ରତିଭା ଯୋଗ୍ ଦେଇକରି ଓଡ଼ିଆ ଭାଷା ସାହିତ୍ୟକେ ସମୃଦ୍ଧ କର୍‌ବାର୍ ଲାଗି ସଂକଳ୍ପ ନେଇଥିଲେ ।

ମିଡ଼ିଆ ନୋଡ଼ାଲ୍ ଅଫିସର୍- ତାଲିମ୍ I&PR

ଭାରତୀୟ ନିର୍ବାଚନ କମିଶନ୍‌ଙ୍କର୍ ତର୍‌ଫୁ ନୂଆଦିଲ୍ଲୀ ଠାନେ ଆଏଜ୍ ମିଡ଼ିଆ ନୋଡ଼ାଲ୍ ଅଫିସର୍, ସୋସିଆଲ୍ ମିଡ଼ିଆ ନୋଡ଼ାଲ୍ ଅଫିସର୍ ଆଉ ଜିଲ୍ଲା ଜନସମ୍ପର୍କ ଅଧିକାରୀମାନ୍‌କର୍ ଗୁଟେ ଦିନ୍‌କିଆ ଓରିଏଂଟେସନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ନିର୍ବାଚନ୍ ସମିଆଥି ବିକଶିତ୍ ଗଣମାଧ୍ୟମ୍ ଆଉ ନିର୍ବାଚନ୍ ଅଧିକାରୀ ମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍‌କେ ବଢ଼ାବାର୍‌ଟା କାର୍ଯ୍ୟକ୍ରମ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇଥି ୨୮ ଟା ରାଜ୍ୟ ଆଉ ୮ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ଗଣମାଧ୍ୟମ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପଂଚାୟତିରାଜ୍ ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଖରା ସମିଆଥି ପାନିର୍ ସମସ୍ୟାକେ ବିଭାଗୀୟ ଅଧିକାରୀମାନେ ତୁର୍ତି ଧ୍ୟାନ୍ ଦେବାର୍‌କେ ପଂଚାୟତିରାଜ୍ ଆଉ ପାନୀୟ ଜଲ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ପାନିର୍ ସମସ୍ୟାର୍ କେନ୍‌ସି ଭିଲ୍ ଅଭିଯୋଗ୍ ଆସ୍‌ଲେ ୭ ଦିନ୍ ଭିତ୍‌ରେ ସମାଧାନ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ନାଏକ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଆନ୍ତଃଜିଲ୍ଲା ପେନ୍‌ସନ୍ ଅଦାଲତ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ଠାନେ ଆଏଜ୍ ଆନ୍ତଃଜିଲ୍ଲା ପେନ୍‌ସନ୍ ଅଦାଲତ୍ ହେଇଯାଇଛେ । ଅଦାଲତ୍‌ଥି ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସମ୍ବଲ୍‌ପୁର୍ ଆର୍ ବର୍‌ଗଡ଼୍ ଜିଲ୍ଲାର୍ ଅବସରପ୍ରାପ୍ତ କର୍ମଚାରୀମାନ୍‌କର୍ ଅବସର ସମିଆର୍ ବକେୟା ଆଉ ପେନ୍‌ସନ୍ ବାବଦ୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ କରାଯାଇଥିଲା । ସମ୍ବଲ୍‌ପୁର୍ ଅତିରିକ୍ତ ଜିଲ୍ଲାପାଲ୍ ଆଉ ସାଧାରଣ୍ ପ୍ରଶାସନ୍ ବିଭାଗ୍‌ର ସ୍ୱତନ୍ତ୍ର ସଚିବ ନିହାର୍ ରଞ୍ଜନ୍ ଦାସ ସହେତେ ଅଲ୍‌ଗା କର୍ମଚାରୀମାନେ ଯୋଗ୍ ଦେଇକରି ଅଭିଯୋଗ୍ ମାନ୍‌କର୍ ଶୁଣାଣି କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ବଙ୍ଗୋପସାଗର୍ ନ ହେଇଥିବା ଲଘୁଚାପ୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଆଏବା କାଏଲ୍ତକ୍ ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେଇପାରେ । ସୁନ୍ଦର୍ଗଡ଼୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ବର୍ଷା ହେବା  ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।